# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**9 December - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ବୀମା ସଖୀ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ
- ରାଜ୍ୟସଭା ଉପନିର୍ବାଚନ ପାଇଁ ଓଡ଼ିଶାରୁ ବିଜେପି ଦଳୀୟ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କଲେ ସୁଜିତ କୁମାର
- ୨୦୧୯ରୁ ଗତ ନଭେମ୍ବର ଶେଷ ସୁଦ୍ଧା ରାଜ୍ୟର ୫୯ ହଜାର ୪୩୭ ଜଣ ଅନଲାଇନ୍ ଠକେଇରେ ଶିକାର ହୋଇଛନ୍ତି; ବିଧାନସଭାରେ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ

ଏବଂ

- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଜୟନ୍ତୀ ଅବସରରେ ରାଜ୍ୟବାସୀଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ

*Desk*

## ପ୍ରଧାନମନ୍ତ୍ରୀ- ବୀମା ସଖୀ ଯୋଜନା

ଦେଶରେ ମହିଳାଙ୍କ ସଶକ୍ତିକରଣ ପାଇଁ କେନ୍ଦ୍ର ସରକାର ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀ କହିଛନ୍ତି। ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ହରିୟାଣାର ପାନିପଥଠାରେ ବୀମାସଖୀ ଯୋଜନାର ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଜୀବନବୀମା ନିଗମର ଏହି ଯୋଜନାରେ ଦଶମ ଶ୍ରେଣୀ ପାସ୍ କରିଥିବା ୧୮ରୁ ୭୦ ବର୍ଷ ମଧ୍ୟରେ ମହିଳାଙ୍କ ସଶକ୍ତିକରଣ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା ଅଧୀନରେ ପ୍ରଥମ ତିନି ବର୍ଷ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ସହ ଷ୍ଟାଇପେଣ୍ଡର ବ୍ୟବସ୍ଥା କରାଯାଇଛି। ପ୍ରଶିକ୍ଷଣ ପରେ ଅଣସ୍ନାତକ ମହିଳା ଜୀବନବୀମା ନିଗମର ପ୍ରତିନିଧି ଭାବେ ଏବଂ ସ୍ନାତକ ମହିଳା ନିଗମର ଉନ୍ନୟନ ଅଧିକାରୀଭାବେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ଏହି ଯୋଜନା ପାଇଁ ମନୋନୀତ ହୋଇଥିବା କେତେକ ବୀମା ସଖୀଙ୍କୁ ପ୍ରଧାନମନ୍ତ୍ରୀ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନ୍ୟ କେତେକ ସଦସ୍ୟ ଏବଂ ହରିୟାଣାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

***BBSR***

## ରାଜ୍ୟସଭା ଉପନିର୍ବାଚନ

ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜେପି ପକ୍ଷରୁ ଓଡ଼ିଶାରୁ ସୁଜିତ କୁମାରଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଦଳର କେନ୍ଦ୍ରୀୟ ଚୟନ କମିଟିରେ ନିଷ୍ପତ୍ତି ପରେ ଖାଲି ପଡ଼ିଥିବା ଏକମାତ୍ର ରାଜ୍ୟସଭା ଆସନ

ପାଇଁ ଶ୍ରୀ କୁମାରଙ୍କ ନାମ ଦଳ ପକ୍ଷରୁ ଘୋଷିତ ହୋଇଛି। ଶ୍ରୀ କୁମାର ଆଜି ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ବିଜେଡି ପକ୍ଷରୁ ଦଳୀୟ ପ୍ରାର୍ଥୀଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ଶ୍ରୀ କୁମାର ଗତ ସେପ୍ଟେମ୍ବର ୬ ତାରିଖରେ ରାଜ୍ୟସଭା ପଦ ଏବଂ ବିଜେଡି ଦଳରୁ ଇସ୍ତଫା ପ୍ରଦାନ କରିଥିଲେ। ପରେ ସେ ବିଜେପିରେ ଯୋଗଦାନ କରିଥିଲେ। ତାଙ୍କର କାର୍ଯ୍ୟକାଳ ଆସନ୍ତା ୨୦୨୬ ଏପ୍ରିଲ ଯାଏଁ ରହିଥିଲା। ରାଜ୍ୟସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ନାମାଙ୍କନପତ୍ର ଦାଖଲର ଶେଷ ଦିବସ ଥିବାବେଳେ ୧୧ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ଏବଂ ୧୩ ତାରିଖକୁ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିବସ ଧାର୍ଯ୍ୟ କରାଯାଇଛି। ୨୦ ତାରିଖରେ ଉପନିର୍ବାଚନ ପାଇଁ ମତ ନିଆଯିବ।

***News pool***

## ଅର୍ଥମନ୍ତ୍ରୀ- ଋଣ ପରିମାଣ ବୃଦ୍ଧି

ଦେଶରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ କୃଷି ଋଣ କ୍ରମାଗତ ବୃଦ୍ଧି ପାଉଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଲୋକସଭାରେ ଆଜି ଏକ ଲିଖିତ ଉତ୍ତରରେ ସେ କହିଛନ୍ତି, ଗତ ୩ ବର୍ଷ ମଧ୍ୟରେ ଏହି ଋଣ ପରିମାଣ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଗତ ଆର୍ଥିକ ବର୍ଷରେ କୃଷି ଋଣ ପରିମାଣ ୧୩ କୋଟି ୬ ଲକ୍ଷ ହୋଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ଏହା ୧୧ ଦଶମିକ ୬/୭ କୋଟି ଥିବାବେଳେ ୨୦୨୨-୨୩ ବର୍ଷରେ କୃଷିଋଣ ପରିମାଣ ୧୨ ଦଶମିକ ୩/୮

କୋଟିରେ ସୀମିତ ଥିଲା ବୋଲି ଅର୍ଥମନ୍ତ୍ରୀ ଲୋକସଭାରେ ସୂଚନା ଦେଇଛନ୍ତି ।

*HS*

## ବିଧାନସଭା-୨

୨୦୧୯ରୁ ଗତ ନଭେମ୍ବର ଶେଷ ସୁଦ୍ଧା ରାଜ୍ୟର ୫୯ ହଜାର ୪୩୭ଜଣ ଲୋକ ଅନଲାଇନ୍ ଠକେଇର ଶିକାର ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି । ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ପୂର୍ବବର୍ଷଗୁଡ଼ିକ ତୁଳନାରେ ୨୦୨୩ରେ ଅନଲାଇନ୍ ଠକେଇ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଥିଲା । ୨୦୨୩ ମସିହାରେ ୧୮ ହଜାର ୯୯୪ ଜଣ ଅନଲାଇନ୍ ଟ୍ରେଡିଂରେ ଠକେଇରେ ପଡ଼ିଥିବା ବେଳେ ଚଳିତ ବର୍ଷ ଗତ ମାସ ଶେଷ ସୁଦ୍ଧା ଏହି ସଂଖ୍ୟା ୪୦ ହଜାର ୨୭୦ରେ ପହଁଞ୍ଚିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟରେ ବର୍ତ୍ତମାନ ୧୮ ହଜାର ୪୪୧ଟି ମଞ୍ଜୁରୀ ପ୍ରାପ୍ତ ଗ୍ରାମରକ୍ଷୀ ପଦବୀ ରହିଛି । ସେଥିମଧ୍ୟରୁ ୯ ହଜାର ୬୫୨ଟି ପଦବୀ ପୂରଣ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗ୍ରାମରକ୍ଷୀଙ୍କୁ ବର୍ତ୍ତମାନ ୧ ହଜାର ୮୦୦ ଟଙ୍କା ମାସିକ ଭତ୍ତା ସହିତ ପ୍ରତ୍ୟେକ ଦୁଇ ବର୍ଷରେ ଥରେ ୪୦୦ ଟଙ୍କା ଲେଖାଏଁ ପୋଷାକ ଭତ୍ତା ପ୍ରଦାନ କରାଯାଉଛି ।

*BBSR*

## ବିଧାନସଭା

ରାଜ୍ୟରେ ଖୁବ୍‌ଶୀଘ୍ର ୫ ହଜାର ଡାକ୍ତର ପଦବୀ ପୂରଣ କରାଯିବ। ବିଧାନସଭାରେ ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇ କହିଛନ୍ତି, ଡାକ୍ତରୀ ନିଯୁକ୍ତି ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ ଦୁଇଟି ସଂଶୋଧନ କରାଯାଇଛି। ଡାକ୍ତରୀ ପଦବୀ ପୂରଣ ସହ ୩ ହଜାର ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତି ପାଇଁ ମଧ୍ୟ ବିଜ୍ଞାପନ ପ୍ରକାଶ ପାଇବ।  ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଗୃହକୁ ସୂଚନା ଦେଇଛନ୍ତି। ୨୦୧୪ ମସିହା ପରେ ପାଖାପାଖି ୩୦୦ କୋଟି ଟଙ୍କା ଖର୍ଚ୍ଚରେ ୧୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି ବୋଲି ସେ ମନ୍ତ୍ରୀ ସୂଚନା ଦେଇଛନ୍ତି। ଭଦ୍ରକ ଜିଲ୍ଲାରେ ଖୁବ୍‌ଶୀଘ୍ର ମେଡିକାଲ କଲେଜ ଖୋଲିବ ବୋଲି ମନ୍ତ୍ରୀ କହିଛନ୍ତି।

*Nabarangpur*

## ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ନବରଙ୍ଗପୁର ଜିଲ୍ଲା ଗସ୍ତ ଶେଷ କରି ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନବରଙ୍ଗପୁର ସର୍କିଟ ହାଉସଠାରେ  ମୁଖ୍ୟମନ୍ତ୍ରୀ ଆଜି ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଓ ସଙ୍ଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କଠାରୁ ବିଭିନ୍ନ ଦାବି ନେଇ ସ୍ମାରକପତ୍ର ଗ୍ରହଣ କରିବା ସହିତ ଦଳୀୟ କର୍ମକର୍ତ୍ତାଙ୍କ ସହ ମଧ୍ୟ

ମତବିନିମୟ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ବିଧାୟକ ଗୌରୀ ଶଙ୍କର ମାଝୀ, ନରସିଂହ ଭତରା ପ୍ରମୁଖ ଉପସ୍ଥିତ ଥିଲେ।

***HS***

## ବିଧାନସଭା-୧

ରାଜ୍ୟରେ ୨୯୫ଟି ଫାଣ୍ଡି କାର୍ଯ୍ୟ କରୁଛି। ସେଥିରୁ ସହରାଞ୍ଚଳରେ ୧୨୨ଟି ରହିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ବିଧାନସଭାରେ ତଥ୍ୟ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ୬୮୫ଟି ପୁଲିସ ଥାନା ଏବଂ ୧୩୯ଟି ବିଟ୍ ହାଉସ୍ ରହିଛି। ନୂତନ ଥାନା ଏବଂ ଫାଣ୍ଡି ସ୍ଥାପନ ନେଇ ରହିଥିବା ମାର୍ଗଦର୍ଶିକା ଆଧାରରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବିଧାନସଭାରେ ଆଜି ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟ ନିଜ ନିଜ ଅଞ୍ଚଳରେ ନୂଆ ଥାନା ଓ ଫାଣ୍ଡି ଖୋଲିବାକୁ ଦାବି କରିଥିଲେ।

***Desk/HS***

## କାନ୍ତକବି ଲକ୍ଷ୍ମୀକାନ୍ତ ଜୟନ୍ତୀ

ବନ୍ଦେ ଉତ୍କଳ ଜନନୀ କାଳଜୟୀ ସଙ୍ଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଜୟନ୍ତୀ ଅବସରରେ ଆଜି ରାଜ୍ୟବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅନ୍ତର୍ଗତ ତାଳପଦା ଗ୍ରାମରେ ୧୮୮୮ ମସିହା ଆଜିର ଦିନରେ ଲକ୍ଷ୍ମୀକାନ୍ତ ମହାପାତ୍ର

ଜନ୍ମଗ୍ରହଣ କରିଥିଲେ। ପିଲାଟି ବେଳୁ ସେ ସାହିତ୍ୟ ପ୍ରତି ଅନୁରକ୍ତ ଥିଲେ। ହାଇସ୍କୁଲରେ ପଢ଼ିବା ସମୟରେ ପାଠପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୧୩ ମସିହାରେ ରେଭେନ୍ସା କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିବା ଲକ୍ଷ୍ମୀକାନ୍ତଙ୍କ ରଚନାରେ ଦେଶ ଏବଂ ଜାତି ପ୍ରେମର ଝଲକ ଦେଖିବାକୁ ମିଳିଥିଲା। ୧୯୫୩ ମସିହା ଫେବୃଆରୀ ୨୪ ତାରିଖରେ ୬୪ ବର୍ଷ ବୟସରେ କାନ୍ତକବିଙ୍କର ପରଲୋକ ହୋଇଥିଲା।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ କାନ୍ତକବିଙ୍କ ସ୍ମୃତିଚାରଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

କାନ୍ତକବିଙ୍କ ଜନ୍ମପୀଠ ତାଳପଦା ଗ୍ରାମରେ ଆଜି ଏହି ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବହୁ ବିଶିଷ୍ଟ ବକ୍ତା ଯୋଗଦେଇ କାନ୍ତକବିଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ।

***HS***

## ପ୍ରବାସୀ ଭାରତୀୟ ଦିବସ

ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଆଜି ଜନତା ମଇଦାନଠାରେ ଭୂମିପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଛି। ଆସନ୍ତା ମାସ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାରି

ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୦ ହଜାରରୁ ଅଧିକ ଅତିଥି ଯୋଗଦେବାର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

***HS***

## ଡ୍ରେନ୍ ନିର୍ମାଣ- ମୃତ୍ୟୁ ଘଟଣା

କଟକ ବିଡ଼ାନାସୀ ଅଞ୍ଚଳରେ ଡ୍ରେନ୍ ନିର୍ମାଣ ସମୟରେ ଶ୍ରମିକ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଏକ ତିନିଜଣିଆ କମିଟି ଗଠନ କରାଯାଇଛି। କଟକ ମହାନଗର ନିଗମ କମିଶନର ଅନାମ ଚରଣ ପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଅତିରିକ୍ତ କମିଶନରଙ୍କ ନେତୃତ୍ୱରେ ଏହି ତିନିଜଣିଆ କମିଟି ଗଠନ କରାଯାଇଛି। ତଦନ୍ତ କାର୍ଯ୍ୟ ଶେଷ କରି ଆଜି ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କମିଟିକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ କମିଶନର ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତକାଲି ବିଡ଼ାନାସୀ ଛକରେ ଏହି ଡ୍ରେନ୍ ନିର୍ମାଣ ସମୟରେ କାନ୍ଥ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କର ମୃତ୍ୟୁ ହେବା ସହ ଅନ୍ୟ ଦୁଇଜଣ ଆହତ ହୋଇଥିଲେ।

***Jharsuguda***

## ଧାନ ସଂଗ୍ରହ

ଝାରସୁଗୁଡ଼ା ଜିଲ୍ଲାରେ ଚଳିତ ବର୍ଷର ଖରିଫ ଧାନ ସଂଗ୍ରହ ଆଜିଠାରୁ ଆରମ୍ଭ ହୋଇଛି। ଝାରସୁଗୁଡ଼ା ଆର୍‌ଏମ୍‌ସି କାର୍ଯ୍ୟାଳୟ ନିକଟସ୍ଥ ଧାନମଣ୍ଡିରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତ ବର୍ଷ ଝାରସୁଗୁଡ଼ାରୁ ୭ ଲକ୍ଷ ୯ ହଜାର କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାର

୨୧ ହଜାର ୭୩୦ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଗୁଣାତ୍ମକ ଧାନ ଚାଷୀଙ୍କଠାରୁ ବିନା କଟ୍‌ନି ଛଟନିରେ ସଂଗ୍ରହ କରାଯିବାକୁ ନିଷ୍ପତ୍ତି ହୋଇଛି। ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ କୁଇଣ୍ଟାଲ ପିଛା ୨୩ ଶହ ଟଙ୍କା ଏବଂ ଇନ୍‌ପୁଟ ସହାୟତା କୁଇଣ୍ଟାଲ ପିଛା ୮୦୦ ଟଙ୍କା ଚାଷୀଙ୍କ ବ୍ୟାଙ୍କଖାତାରେ ସିଧାସଳଖ ଜମା କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଇଛି।

***Ganjam***

## ଆଇନଜୀବୀ ସଂଘ ସମ୍ମିଳନୀ

ଗଞ୍ଜାମ ଜିଲ୍ଲା ଭଞ୍ଜନଗରଠାରେ ଆସନ୍ତା ୨୯ ତାରିଖରୁ ଦୁଇଦିନ ଧରି ନିଖିଳ ଉତ୍କଳ ଆଇନଜୀବୀ ସଂଘର ୫୩ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ କେତେକ ସଦସ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏନେଇ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଭଞ୍ଜନଗରଠାରେ ଗତକାଲି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପେନ୍ଦ୍ର ଭଞ୍ଜ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ଆୟୋଜନ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

***Desk***

# ପାଣିପାଗ

ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ଆଗାମୀ ତିନି ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ଏହାପରେ କିଛିଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ଟୁଇଟ୍ କରି କହିଛି ।

*******************************